# NATIONAL NEWS BULLETIN (ODIA)

## 8 April - 2025

## Evening Bulletin : 7.15 P.M.

************************************

## ମୁଖ୍ୟ ସମ୍ବାଦ

- ପର୍ତ୍ତୁଗାଲ ସଂସଦର ବାଚସ୍ପତିଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କଲେ ରାଷ୍ଟ୍ରପତି
- ତୃଣମୂଳସ୍ତରରେ ଦେଶବାସୀଙ୍କ ଆକାଂକ୍ଷା ପୂରଣ କରିବାରେ ମୁଦ୍ରା ଯୋଜନା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି; କହିଲେ ପ୍ରଧାନମନ୍ତ୍ରୀ
- ବିଧାନସଭାରେ ପୁନଃଗୃହୀତ ହୋଇଥିବା ବିଲ୍‌କୁ ରାଜ୍ୟପାଳ ଅନୁମୋଦନ କରିବା ଉଚିତ ବୋଲି ରାୟ ପ୍ରଦାନ କଲେ ସୁପ୍ରିମକୋର୍ଟ
- ଆସନ୍ତା ଜୁନ୍ ୩ ତାରିଖରେ ଦକ୍ଷିଣ କୋରିଆରେ ହେବ ରାଷ୍ଟ୍ରପତି ନିର୍ବାଚନ

ଏବଂ

- ଆଇପିଏଲ୍ କ୍ରିକେଟର ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଲା ପଞ୍ଜାବ କିଙ୍ଗ୍‌ସ

# ରାଷ୍ଟ୍ରପତି- ପର୍ତ୍ତୁଗାଲ

ପର୍ତ୍ତୁଗାଲ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସେଠାକାର ସଂସଦର ବାଚସ୍ପତି ଜୋସ୍ ପେଡ୍ରୋ ଆଗ୍ୱିୟାର ବ୍ରାଙ୍କୋ'ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ପର୍ତ୍ତୁଗାଲ ସଂସଦରେ ରାଷ୍ଟ୍ରପତିଙ୍କୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଉଭୟ ପକ୍ଷ ମଧ୍ୟରେ ଫଳପ୍ରଦ ଆଲୋଚନା ହୋଇଛି। ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ରାଷ୍ଟ୍ରପତି ମୁର୍ମୁ ଏବଂ ବାଚସ୍ପତି ଜୋସ୍ ପେଡ୍ରୋଙ୍କ ମଧ୍ୟରେ ମତବିନିମୟ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସେଠାକାର ସଂସଦ ସଦସ୍ୟଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ଭାରତ–ପର୍ତ୍ତୁଗାଲ ସଂସଦୀୟ ବନ୍ଧୁତ୍ୱ ଗୋଷ୍ଠୀର ସଦସ୍ୟଙ୍କ ସହ ମଧ୍ୟ ରାଷ୍ଟ୍ରପତି ଆଲୋଚନା କରିଛନ୍ତି।

**V/O- President**

ଆଜି ମଧ୍ୟ ଭାରତ–ପର୍ତ୍ତୁଗାଲ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି।

# ମୁଦ୍ରା ଯୋଜନା

ତୃଣମୂଳସ୍ତରରେ ଲୋକଙ୍କ ଉଦ୍ୟୋଗୀ ଦକ୍ଷତା, ଉଦ୍ଭାବନ, ସୃଜନଶୀଳତା ଏବଂ ଆତ୍ମନିର୍ଭରଶୀଳତାକୁ ସମ୍ମାନ ଓ ସମର୍ଥନ ଦେବା ପାଇଁ ମୁଦ୍ରା ଯୋଜନା ଏକ ବୃହତ୍ ଦୃଷ୍ଟିକୋଣର ଅଂଶବିଶେଷ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଦ୍ରା ଯୋଜନା ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି।

**V/O- PM-MODI**

ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ମୁଦ୍ରା, ପିଏମ୍-ସ୍ୱନିଧି, ଷ୍ଟାର୍ଟ-ଅପ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ବ୍ୟାଙ୍କଗୁଡ଼ିକୁ ଭଲ ସ୍ଥିତିରେ ପହଁଞ୍ଚାଇପାରିଛନ୍ତି। କ୍ଷୁଦ୍ର ଔଦ୍ୟୋଗିକ ଆବଶ୍ୟକତା ପୂରଣ କରିବାରେ ଦେଶର ବ୍ୟାଙ୍କିଂ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ତୃଣମୂଳସ୍ତରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରିବା ଏବଂ ଉଦ୍ୟୋଗୀଙ୍କୁ ସମର୍ଥନ ପ୍ରଦାନ କରିବାରେ ବ୍ୟାଙ୍କିଂ କ୍ଷେତ୍ର ଏକ ଶକ୍ତିଶାଳୀ ଅଂଶୀଦାର ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୁଦ୍ରା ଯୋଜନାରେ ଏନ୍.ପି.ଏ. ପରିମାଣ ବିଶ୍ୱର ସବୁଠାରୁ ନିମ୍ନସ୍ତରରେ ରହିଛି। ଏହି

ଯୋଜନା ଅଧୀନରେ ମାତ୍ର ୩ ଦଶମିକ ୫ ପ୍ରତିଶତ ଋଣ ଏନ୍.ପି.ଏ.ରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ଦୁବାଇ କ୍ରାଉନପ୍ରିନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ଆଜି ଦୁବାଇର ଯୁବରାଜ, ଉପ-ପ୍ରଧାନମନ୍ତ୍ରୀ ତଥା ୟୁ.ଏ.ଇ'ର ପ୍ରତିରକ୍ଷା ମନ୍ତ୍ରୀ ଶେଖ୍ ହମଦାନ୍ ବିନ୍ ମହମ୍ମଦ ଅଲ୍ ମକ୍ତୁମଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଭାରତ–ୟୁ.ଏ.ଇ. ବ୍ୟାପକ ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବାରେ ଦୁବାଇ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଦୁବାଇ ଯୁବରାଜଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ସହ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କର ନୂତନ ମାର୍ଗ ଉନ୍ମୋଚନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ମଧ୍ୟ ଦୁବାଇର ଯୁବରାଜ ଶେଖ ମକତୁମ୍ ସାକ୍ଷାତ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର' ଦୁଇ ଦେଶ ମଧ୍ୟରେ ବ୍ୟାପକ ସହଯୋଗ ଏବଂ ସମ୍ପର୍କ ବୃଦ୍ଧିକୁ ନେଇ ଯୁବରାଜଙ୍କର ସକାରାତ୍ମକ ଭାବନାକୁ ଉଚ୍ଚପ୍ରଶଂସା କରିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଉଭୟ ପକ୍ଷଙ୍କ ମଧ୍ୟରେ ବେଶ୍ ଫଳପ୍ରଦ ଆଲୋଚନା ହୋଇଛି। ୟୁ.ଏ.ଇ. ସହିତ ବ୍ୟାପକ ରଣନୈତିକ ଭାଗିଦାରୀକୁ ଭାରତ ପ୍ରାଥମିକତା ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ଭବିଷ୍ୟତରେ ପ୍ରତିରକ୍ଷା ସହଯୋଗ, ଉତ୍ପାଦନ, ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଭୟ ଦେଶ ଅଧିକ ସୁଦୃଢ଼ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ସିଂ ଆଶାପ୍ରକାଶ କରିଛନ୍ତି। ଶାନ୍ତି ଏବଂ ସମୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଯୁବରାଜ ଶେଖ୍ ମକତୁମ୍ ଦୁଇଦିନିଆ ଭାରତ ଗସ୍ତରେ ଆସି ଆଜି ପୂର୍ବାହ୍ନରେ ନୂଆଦିଲ୍ଲୀରେ ପହଁଞ୍ଚିଥିଲେ। ବିମାନବନ୍ଦରରେ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ତାଙ୍କୁ ସ୍ୱାଗତ କରିଥିଲେ। ଦୁବାଇର ଯୁବରାଜ ଭାବେ ଶେଖ୍ ମକତୁମ୍ଙ୍କର ଏହା ପ୍ରଥମ ଭାରତ ଗସ୍ତ। ତାଙ୍କ ସହ ମନ୍ତ୍ରିମଣ୍ଡଳର ସଦସ୍ୟ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବ୍ୟବସାୟିକ ଗୋଷ୍ଠୀର ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି। ଆଜି ସନ୍ଧ୍ୟାରେ ଯୁବରାଜ ଶେଖ ମକତୁମ୍ ମୁମ୍ବାଇ ଗସ୍ତରେ ଯିବେ। ସେଠାରେ ଉଭୟ ପକ୍ଷର ପ୍ରମୁଖ ବ୍ୟବସାୟୀ ପ୍ରତିନିଧିଙ୍କ ମଧ୍ୟରେ ହେବାକୁ ଥିବା ଆଲୋଚନା ବୈଠକରେ ସେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି।

# ଏସ୍‌ସି-ଟିଏନ୍ ବିଲ୍

ତାମିଲନାଡୁ ବିଧାନସଭାରେ ପୁନଃଗୃହୀତ ହୋଇଥିବା ୧୦ଟି ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ରାଜ୍ୟପାଳ ଅଟକାଇ ରଖିବା ବେଆଇନ ଏବଂ ଭୁଲ୍ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି। ଜଷ୍ଟିସ୍ ଜେ.ବି.ପାର୍ଦିଓ୍ୱାଲା ଏବଂ ଜଷ୍ଟିସ ଆର୍.ମହାଦେବନ୍‌ଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି କହିଛନ୍ତି, ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍.ରବିଙ୍କ ପାଖରେ ବିଲ୍‌ଗୁଡ଼ିକୁ ଅନୁମୋଦନ ପ୍ରଦାନ ନ କରି ଅଟକାଇ ରଖିବାର କ୍ଷମତା ନାହିଁ। ବିଧାନସଭାରେ ବିଲ୍‌ଗୁଡ଼ିକ ପୁନଃପାରିତ ହୋଇସାରିବା ପରେ ରାଜ୍ୟପାଳ ଏହାକୁ ଅନୁମୋଦନ କରିବା ଉଚିତ୍। ଖଣ୍ଡପୀଠ କହିଛନ୍ତି, ରାଜ୍ୟପାଳ ଏହି ବିଲ୍‌ଗୁଡ଼ିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ଅଟକାଇ ରଖିବାର କୌଣସି ଆବଶ୍ୟକତା ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଆଧାରରେ ରାଜ୍ୟପାଳ କାର୍ଯ୍ୟ କରିବା ଉଚିତ ଏବଂ ଯଥାର୍ଥତା ନ ଥାଇ କୌଣସି ଅନୁମୋଦନକୁ ଅଟକା ଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଧାନସଭାରେ ପ୍ରଥମେ ଆଗତ ଏବଂ ପୁନଃଗ୍ରହଣ କରାଯାଇଥିବା ବିଲ୍‌ର ବିଷୟବସ୍ତୁ ମଧ୍ୟରେ ଅସାମଞ୍ଜସ୍ୟତା ନଥିଲେ ରାଜ୍ୟପାଳ ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇବାର ଆବଶ୍ୟକତା ପଡ଼ିପାରେ। ଖଣ୍ଡପୀଠ

କହିଛନ୍ତି, ସମ୍ବିଧାନର ଧାରା- ୨୦୦ ଆଧାରରେ ରାଜ୍ୟପାଳଙ୍କର ଅନୁମୋଦନ ରୋକିବାର ସ୍ୱେଚ୍ଛାକୃତ କ୍ଷମତା ନାହିଁ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରି ପରିଷଦର ପରାମର୍ଶକ୍ରମେ ସେ କାର୍ଯ୍ୟକରିବା ଉଚିତ।

ସୂଚନାଯୋଗ୍ୟ, ବିଧାନସଭାରେ ପୁନଃଗୃହୀତ ହୋଇଥିବା ବିଲ୍‌ଗୁଡ଼ିକୁ ରାଜ୍ୟପାଳ ଅନୁମୋଦନ ପ୍ରଦାନ କରୁନଥିବା ଅଭିଯୋଗ ନେଇ ତାମିଲନାଡୁ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ କହିଛନ୍ତି।

## ରିଜିଓନାଲ ରୁରାଲ୍ ବ୍ୟାଙ୍କ୍

'ଏକ ରାଜ୍ୟ, ଏକ୍ ଆର୍.ଆର୍.ବି.' ନୀତିରେ ସଂଶ୍ଳିଷ୍ଟ ହେବା ପାଇଁ ୨୬ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କର ତାଲିକା ଆର୍ଥିକ ସେବା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଏଥିରେ ସାମିଲ ହେବାରେ ଏହା ହେଉଛି ଚତୁର୍ଥ ପର୍ଯ୍ୟାୟ। ପୂର୍ବରୁ ହୋଇଥିବା ମିଶ୍ରଣ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ଦକ୍ଷତା ବୃଦ୍ଧିରେ ସହାୟକ ହୋଇଛି। ଏହି ଚତୁର୍ଥ ପର୍ଯ୍ୟାୟ ମିଶ୍ରଣ ପାଇଁ ଗତ ବର୍ଷ ନଭେମ୍ବର ମାସରେ ଆର୍ଥିକ ସେବା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ପରେ ୧୦ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଏହି ୨୬ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କକୁ ସାମିଲ କରାଯାଇଛି। ବର୍ତ୍ତମାନ ୨୬ଟି ରାଜ୍ୟ ଏବଂ

୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ୪୩ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ କାର୍ଯ୍ୟ କରୁଛି। ଏହି ମିଶ୍ରଣ ପରେ ୨୮ଟି ଗ୍ରାମୀଣ ବ୍ୟାଙ୍କ ଦେଶର ୭୦୦ଟି ଜିଲ୍ଲାରେ ୨୨ ହଜାର ଶାଖା ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ଏହି ବ୍ୟାଙ୍କଗୁଡ଼ିକର ପାଖାପାଖି ୯୨ ପ୍ରତିଶତ ଗ୍ରାମୀଣ ଏବଂ ଅର୍ଦ୍ଧ ସହରାଞ୍ଚଳରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ସାଉଥ୍ କୋରିଆ- ପ୍ରେଜ୍ ପୋଲ୍

ଦକ୍ଷିଣ କୋରିଆରେ ଆସନ୍ତା ଜୁନ୍ ମାସ ୩ ତାରିଖରେ ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। କ୍ୟାବିନେଟ୍ ବୈଠକ ପରେ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତ ସୂଚନା ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ପଦରୁ ୟୁନ୍ ସୁକ୍ ୟୋଲ୍'ଙ୍କ ବହିଷ୍କାର ପରେ ନିର୍ବାଚନର ଆବଶ୍ୟକତା ପଡ଼ିଥିଲା। ଗତ ଡିସେମ୍ବର ମାସରେ ଦେଶରେ ମାର୍ଶାଲ ଆଇନ୍ ଲାଗୁ କରିବା ସଂକ୍ରାନ୍ତ ମହା ଅଭିଯୋଗକୁ ସାମ୍ବିଧାନିକ ଅଦାଲତ ଗ୍ରହଣ କରିବା ପରେ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗାମୀ ନିର୍ବାଚନ ପରେ ନିର୍ବାଚିତ ରାଷ୍ଟ୍ରପତି ତୁରନ୍ତ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ମହା ଅଭିଯୋଗ ନେଇ ବହିଷ୍କୃତ ହେବାରେ ୟୋନ୍ ହେଉଛନ୍ତି ଦକ୍ଷିଣ କୋରିଆର ଦ୍ୱିତୀୟ

ରାଷ୍ଟ୍ରପତି। ୨୦୧୭ ମସିହାରେ ମହାଅଭିଯୋଗରେ ତତ୍କାଳୀନ ରାଷ୍ଟ୍ରପତି ପାର୍କ ଗ୍ୟୁନ୍ ହେ’ ବହିଷ୍କୃତ ହୋଇଥିଲେ।

## ଇଲେକ୍ଟ୍ରୋନିକ୍ସ- କମ୍ପୋନେଟ୍ ସ୍କିମ୍

ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦନ ଯୋଜନା ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ନୂଆଦିଲ୍ଲୀଠାରେ ଏହି ଯୋଜନା ସମ୍ପର୍କରେ ଗଣମାଧମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ବିଜ୍ଞପ୍ତି ପ୍ରକାଶ ପରେ ଯୋଜନାର କାର୍ଯ୍ୟକାରିତା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ଲାଗି ସମ୍ପୃକ୍ତ ଶିଳ୍ପସଂସ୍ଥାଗୁଡ଼ିକ ସହ ବିଚାର ବିମର୍ଶ କରାଯିବ। ଏହି ଯୋଜନା ଅଧୀନରେ ଆବେଦନ ଗ୍ରହଣ ପାଇଁ କିଛି ସପ୍ତାହ ମଧ୍ୟରେ ଏକ ପୋର୍ଟାଲ ଉନ୍ମୋଚନ କରାଯିବ ବୋଲି ସେ କହିଛନ୍ତି। ଦେଶରେ ବୈଦ୍ୟୁତିକ ଯୋଗାଣ ଶୃଙ୍ଖଳକୁ ତ୍ୱରାନ୍ୱିତ କରିବା ଏବଂ ଏ କ୍ଷେତ୍ରରେ ଆତ୍ମନିର୍ଭରତା ବୃଦ୍ଧି ଲକ୍ଷ୍ୟ ନେଇ କେନ୍ଦ୍ର କ୍ୟାବିନେଟ୍ ୨୨ ହଜାର ୯୧୯ କୋଟି ଟଙ୍କାର ପାଣ୍ଠି ସହ ଏହି ଯୋଜନାକୁ ଅନୁମୋଦନ କରିଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ବୈଦ୍ୟୁତିକ କ୍ଷେତ୍ରରେ ଭାରତରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ବୈଦ୍ୟୁତିକ ଉତ୍ପାଦନ ୫ ଗୁଣ ବୃଦ୍ଧି ପାଇଥିବା ବେଳେ ଏ କ୍ଷେତ୍ରରେ ରପ୍ତାନୀ ୬ ଗୁଣ ବୃଦ୍ଧି ପାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଦ୍ୱିତୀୟ ମ୍ୟାଚ୍‌ରେ ଆଉ ଅଳ୍ପ ସମୟ ପରେ ପଞ୍ଜାବ କିଙ୍ଗ୍‌ସ ଏବଂ ଚେନ୍ନାଇ ସୁପରକିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ। ଚଣ୍ଡିଗଡ଼ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗ୍‌ସ ପ୍ରଥମେ ବ୍ୟାଟିଂ  କରିବାକୁ ନିଷ୍ପତ୍ତି ନେଇଛି।

ଆଜିର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସର ବ୍ୟାଟିଂ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୧୮ଟି ବଲ୍‌ରୁ ବିଜୟ ପାଇଁ କୋଲକାତା ୪୫ ରନ୍‌ର ଆବଶ୍ୟକ କରୁଥିଲା। ଟସ୍ ଜିତି କୋଲକାତା ନାଇଟ୍ ରାଇଡର୍ସ’ ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ୩ ୱିକେଟ୍ ବିନିମୟରେ ୨୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମିଚେଲ ମାର୍ସ ୮୧ ଏବଂ ପୁରନ୍ ଅପରାଜିତ ୮୭ ରନ୍ ସଂଗ୍ରହ କରିଥିଲେ।  କୋଲକାତା ପକ୍ଷରୁ ହର୍ଷିତ ରାଣା ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରି  ସମ୍ବାଦ ପ୍ରସ୍ତୁତ ହେବା ବେଳକୁ କୋଲକାତା ୧୭ ଓଭରରେ ୭ ୱିକେଟ୍ ବିନିମୟରେ ୧୯୦ ରନ୍ ସଂଗ୍ରହ କରିଥିଲା।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଦ୍ୱିତୀୟ ମ୍ୟାଚ୍‌ରେ ଆଉ ଅଳ୍ପ ସମୟ ପରେ ପଞ୍ଜାବ କିଙ୍ଗ୍‌ସ ଏବଂ ଚେନ୍ନାଇ ସୁପରକିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ। ଚଣ୍ଡିଗଡ଼ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗ୍‌ସ ପ୍ରଥମେ ବ୍ୟାଟିଂ  କରିବାକୁ ନିଷ୍ପତ୍ତି ନେଇଛି।

ଆଜିର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସର ବ୍ୟାଟିଂ ଜାରି ରହିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୧୮ଟି ବଲ୍‌ରୁ ବିଜୟ ପାଇଁ କୋଲକାତା ୪୫ ରନ୍‌ର ଆବଶ୍ୟକ କରୁଥିଲା। ଟସ୍ ଜିତି କୋଲକାତା ନାଇଟ୍ ରାଇଡର୍ସ' ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ୩ ଓ୍ୱିକେଟ୍ ବିନିମୟରେ ୨୩୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମିଚେଲ ମାର୍ସ ୮୧ ଏବଂ ପୁରନ୍ ଅପରାଜିତ ୮୭ ରନ୍ ସଂଗ୍ରହ କରିଥିଲେ।  କୋଲକାତା ପକ୍ଷରୁ ହର୍ଷିତ ରାଣା ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରି  ସମ୍ବାଦ ପ୍ରସ୍ତୁତ ହେବା ବେଳକୁ କୋଲକାତା ୧୭ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୧୯୦ ରନ୍ ସଂଗ୍ରହ କରିଥିଲା।